ପାଠ-୮

# ସେମାନେ ଆମ ଭାଇଭଉଣୀ

## STUDY NOTES

**ସାରକଥା:**

ଆମ ଓଡ଼ିଶାର ମାଲ୍‌କାନ୍‌ଗିରି ଜିଲ୍ଲାର ବଣ୍ଡା ପାହାଡ଼ଗୁଡ଼ିକ ଦୂରରୁ ଦେଖିଲେ ଆକାଶକୁ ମୁଣ୍ଡଟେକି ଠିଆ ହେଲା ପରି ଦେଖାଯାଆନ୍ତି। ଏହି ପାହାଡ଼ ସମତଳ ଅଞ୍ଚଳଠାରୁ ବହୁ ଉଚ୍ଚରେ। ସେହି ବଣ୍ଡାମାନେ ଖୁବ୍ କମ୍ ଲୁଗାପଟା ପିନ୍ଧୁଥିବାରୁ ତାଙ୍କୁ ଏପରି କୁହାଯାଏ। କିନ୍ତୁ ସେମାନେ ନିଜକୁ 'ରେମୋ' ବୋଲି କୁହନ୍ତି। ରେମୋ ଶବ୍ଦର ଅର୍ଥ ହେଉଛି 'ମଣିଷ'। ଏବେ ସେମାନେ ଲୁଗାପଟା ପିନ୍ଧିବା ଶିଖିଲେଣି। ଅଳଙ୍କାରରେ ସ୍ତ୍ରୀ ଲୋକମାନେ ନିଜକୁ ସଜାନ୍ତି। ଆଗେ ଏହି ପାହାଡ଼କୁ ଯିବା ପାଇଁ ରାସ୍ତା ନଥିଲା। ଲୋକମାନେ ପାଦରେ ଚଢ଼ି ଚଢ଼ି ଯାଉଥିଲେ। ଏବେ ରାସ୍ତା ହୋଇଗଲାଣି। ରାସ୍ତାର ଦୁଇପାଖରେ ବଡ଼ ବଡ଼ ଶାଳ, ପିଆଶାଳ, ଶିଶୁ, ଶାଗୁଆନ, ଅର୍ଜୁନ, କଇଁଆ ଆଦି ଅନେକ ପ୍ରକାର ଜାତିର ଗଛ ଦେଖିବାକୁ ମିଳେ। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ। ପାହାଡ଼ ଉପରେ ପ୍ରାୟ ୩୦ଟି ବଣ୍ଡା ଗାଁ ଦେଖିବାକୁ ମିଳେ। ଗୋଟେ ଗାଁରେ ପ୍ରାୟ ୩୦ଟି ଲେଖାଏଁ ଛାଟିମାଟି କାନ୍ଥ ଘର ଦେଖିବାକୁ ମିଳେ।

ସେମାନେ ଭାରି ସରଳ ଓ ସ୍ନେହୀ। ସେମାନେ ଆମ ସହ ମିଶିଲା ପରେ ଡାକନ୍ତି ମଇତର। ସେମାନେ ଖୁସିରେ ସବୁପ୍ରକାର ପର୍ବ ପାଳନ କରନ୍ତି ଯଥା- ଦଶହରା, ଦିଆଲିପରବ, ପୁଷପରବ, ମାଘ ପରବ, ଚଇତି ପରବ ଇତ୍ୟାଦି। ଏହି ଦିନମାନଙ୍କରେ ଘରଦ୍ୱାର ସଫାକରି, ଭୋଜିଭାତ କରି ନାଚଗୀତରେ ଖୁବ୍ ମଉଜର ସହ ପାଳନ କରନ୍ତି। ବଣ୍ଡା ସ୍ତ୍ରୀଲୋକମାନେ ଭାରି ପରିଶ୍ରମୀ। ସେମାନେ ବିଭିନ୍ନ ପଶୁପକ୍ଷୀ ଇତ୍ୟାଦି ପାଳନ କରନ୍ତି। ସେମାନେ ବହୁତ ଈଶ୍ୱରବିଶ୍ୱାସୀ। ସେମାନେ ଠାକୁରଙ୍କ ପାଖରେ ସମସ୍ତଙ୍କ ପାଇଁ ଶୁଭମନାସୀ ଥା'ନ୍ତି। ଏବେ ସେମାନେ ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କଲେଣି। ସରକାର ମଧ୍ୟ ସେମାନଙ୍କ ପାଇଁ ଅନେକ ବ୍ୟବସ୍ଥା କଲେଣି।

**କେତୋଟି ନୂତନ ଶବ୍ଦ:**

| | | | |
|---|---|---|---|
| ବାହାବ୍ରତ | - ବିଭାଘର ଓ ବ୍ରତଘର | ପରବ୍ | - ପର୍ବ |
| ନିଶାପ | - ନ୍ୟାୟ | ଅପୂର୍ବ | - ଅତିସୁନ୍ଦର |
| ଲଟେଇ | - ମାଡ଼ି | ମଇତର | - ମିତ୍ର / ସାଙ୍ଗ |
| ଦିଆଲି | - ଦୀପାବଳି | କାଙ୍ଗୁ | - ଏକପ୍ରକାର ଶସ୍ୟ |

**୧. ଆସ କଥାବାର୍ତ୍ତା ହେବା ।**

କ) ପାହାଡ଼ଗୁଡ଼ିକ ହାତ ଧରାଧରି ହୋଇ ଛିଡ଼ା ହୋଇଛନ୍ତି । ଏଠାରେ 'ହାତ ଧରାଧରି'ର ଅର୍ଥ କ'ଣ ?

ଉ: ଏଠାରେ ହାତ ଧରାଧରି ଶବ୍ଦର ଅର୍ଥ ପାହାଡ଼ଗୁଡ଼ିକ ଲଗାଲଗି ହୋଇ ଠିଆ ହୋଇଛନ୍ତି ।

ଖ) କେଉଁମାନଙ୍କୁ 'ରେମୋ' ବୋଲି କୁହାଯାଏ ?

ଉ: ମଣିଷମାନଙ୍କୁ ବଣ୍ଡା ଭାଷାରେ ରେମୋ ବୋଲି କୁହାଯାଏ ।

ଗ) ବଣ୍ଡା ଲୋକମାନେ ଓଡ଼ିଶାର କେଉଁ ଜିଲ୍ଲାରେ ବାସ କରନ୍ତି ?

ଉ: ବଣ୍ଡା ଲୋକମାନେ ଓଡ଼ିଶାର ମାଲ୍‌କାନ୍‌ଗିରି ଜିଲ୍ଲାରେ ବାସ କରନ୍ତି ।

ଘ) ମାଲ୍‌କାନ୍‌ଗିରି ଜଙ୍ଗଲରେ କେଉଁସବୁ ଗଛ ଦେଖାଯାଏ ?

ଉ: ମାଲ୍‌କାନ୍‌ଗିରି ଜଙ୍ଗଲରେ ଶାଳ, ପିଆଶାଳ, ଶିଶୁ, ଅର୍ଜୁନ, ସୁମରି, ଚନ୍ଦନ, କଇଁଆ, ଆମ୍ବ, ପଣସ ଆଦି ଗଛ ଦେଖାଯାଏ ।

ଙ) ବଣ୍ଡା ଲୋକମାନଙ୍କର ଘରଗୁଡ଼ିକ କିପରି ?

ଉ: ବଣ୍ଡା ଲୋକମାନଙ୍କର ଘରଗୁଡ଼ିକ ଝାଟିମାଟିରେ ତିଆରି ଓ ସେଗୁଡ଼ିକ ପିରି ଘାସରେ ଛପର ହୋଇଥାଏ ।

ଚ) ବଣ୍ଡାମାନେ କେଉଁ କେଉଁ ପରବ ପାଳନ୍ତି ?

ଉ: ବଣ୍ଡାମାନେ ଦଶରାପରବ, ଦିଆଲିପରବ, ପୁଷପରବ, ମାଘପରବ, ଚଇତିପରବ ଇତ୍ୟାଦି ପାଳନ କରନ୍ତି ।

ଛ) ଏ ବିଷୟଟି କିଏ ଲେଖିଛନ୍ତି ?

ଉ: ଡଃ ପ୍ରତିଭା ରାୟ ଏ ବିଷୟଟିକୁ ଲେଖିଛନ୍ତି ।

**୨. ବିଷୟଟିକୁ ପଢ଼ିବା ଓ ଉତ୍ତର ଲେଖିବା ।**

କ) ବଣ୍ଡା ପାହାଡ଼ରେ ପାହାଡ଼ଗୁଡ଼ିକ କିପରି ଛିଡ଼ା ହୋଇଥିବା ଭଳି ଦିଶନ୍ତି ?

ଉ: ବଣ୍ଡା ପାହାଡ଼ରେ ପାହାଡ଼ଗୁଡ଼ିକ ହାତ ଧରାଧରି ହୋଇ, କାନ୍ଧକୁ କାନ୍ଧ ମିଳାଇ ଆକାଶକୁ ମୁଣ୍ଡ ଟେକି ପାଚେରୀ ପରି ଠିଆ ହୋଇଥିବା ଭଳି ଦିଶନ୍ତି ।

ଖ) ସେମାନଙ୍କୁ ଆମେ ଆମର ଭାଇଭଉଣୀ ବୋଲି କାହିଁକି କହିବା ?

ଉ: ଯଦିଓ ସେମାନଙ୍କର ଚାଲିଚଳନ, ପୂଜାପରବ, ବାହାବ୍ରତ ଆମଠାରୁ ଭିନ୍ନ କିନ୍ତୁ ସେମାନେ ଆମରି ପରି ମଣିଷ, ସେଇ ଲୋକମାନେ ଆମଠାରୁ ଭିନ୍ନ ନୁହଁନ୍ତି । ସେଥିପାଇଁ ସେମାନେ ଆମର ଭାଇଭଉଣୀ ।

ଗ) ସେଠାକୁ ଗଲେ ଆଉ ଫେରିବାକୁ ଇଚ୍ଛା ହେବ ନାହିଁ କାହିଁକି ?

ଉ: ବଣ୍ଡା ଭାଇଭଉଣୀମାନେ ଭାରି ସରଳ ଓ ସ୍ନେହୀ। ସେମାନେ ମିଛ କହନ୍ତି ନାହିଁ। ପର ଜିନିଷରେ ଲୋଭ କରନ୍ତି ନାହିଁ। ବଣ୍ଡା ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଲୋକମାନଙ୍କର ସ୍ନେହ ଯୋଗୁଁ ସେଠାକୁ ଗଲେ ଫେରିବାକୁ ଇଚ୍ଛା ହୁଏ ନାହିଁ।

ଘ) ବଣ୍ଡା ସ୍ତ୍ରୀ ଲୋକମାନେ ଖୁବ୍ ପରିଶ୍ରମୀ ବୋଲି କିପରି ଜଣାପଡ଼େ ?

ଉ: ବଣ୍ଡା ସ୍ତ୍ରୀ ଲୋକମାନେ ସକାଳୁ / ଭୋରୁ ଉଠି କାମକୁ ବାହାରି ଯାଆନ୍ତି। ସେମାନେ ବିଭିନ୍ନ ପଶୁପକ୍ଷୀ ପାଳନ କରିବା ସହ ବିଭିନ୍ନ ଫସଲ ମଧ୍ୟ ଚାଷ କରିଥା'ନ୍ତି।

ଙ) ସେମାନେ ଠାକୁରାଣୀଙ୍କୁ ପୂଜା କଲାବେଳେ କ'ଣ କହିଥା'ନ୍ତି ?

ଉ: ସେମାନେ ଠାକୁରାଣୀଙ୍କୁ ପୂଜା କଲାବେଳେ କହିଥା'ନ୍ତି ଯେ, ''ମା' ଆମ ଗାଁରୁ ବାଘ, ଭାଲୁ, ସାପ ଓ ରୋଗ ଦୂରେଇ ଯାଉ। ବାପା, ମା', ପିଲାଛୁଆ, ପଶୁପକ୍ଷୀ ସମସ୍ତେ ଭଲରେ ରୁହନ୍ତୁ। କେହି କଳିଗୋଳ ନ କରନ୍ତୁ। ସମସ୍ତେ ମିଳିମିଶି ଖୁସିରେ ଥାଆନ୍ତୁ।''

## ୩. ସରଳ ଭାଷାରେ ବୁଝାଇ ଲେଖିବା।

କ) ଜଣକର ସୁଖରେ ସମସ୍ତଙ୍କର ସୁଖ ନୁହେଁ।

ଉ: ଉକ୍ତ ଗଦ୍ୟାଂଶଟି ଆମ ବହିର ଡଃ ପ୍ରତିଭା ରାୟଙ୍କ ଦ୍ୱାରା ଲିଖିତ 'ସେମାନେ ଆମ ଭାଇଭଉଣୀ' ବିଷୟରୁ ଆନୀତ। ଏଠାରେ ଲେଖିକା ବଣ୍ଡାମାନଙ୍କର ମହତ୍ ଭାବନାର ପରିଚୟ ଦେଇଛନ୍ତି।

ବଣ୍ଡା ଲୋକମାନେ ଠାକୁର ଠାକୁରାଣୀଙ୍କୁ ମାନନ୍ତି। ସେମାନେ ନିଜ ପାଇଁ କେବେ କିଛି ମାଗନ୍ତି ନାହିଁ। ଯାହା ମାଗନ୍ତି ଗାଁର ସମସ୍ତଙ୍କ ପାଇଁ ମାଗନ୍ତି। ସେମାନେ ଜାଣନ୍ତି ଜଣକର ସୁଖରେ ସମସ୍ତଙ୍କର ସୁଖ ନୁହେଁ। ସମସ୍ତେ ସୁଖରେ ରହିଲେ ହିଁ ଜଣେ ସୁଖରେ ରହିବ।

ବାସ୍ତବିକ୍ ସେମାନଙ୍କର ଏହି ଚିନ୍ତାଧାରା ଅତି ମହାନ୍।

ଖ) ମଣିଷ ହାତର ପାପୁଲି ଭଳି ଚକାଚକା ପତର ମେଲି ତୁମକୁ କ'ଣ ଯେମିତି ମାଗୁଥିବ ! ସେ ବୋଧେ ମଇତର୍ ବସିବାକୁ ଚାହୁଁଥିବ।

ଉ: ମଣିଷ ................. ଚାହୁଁଥିବ।

ଉକ୍ତ ଗଦ୍ୟାଂଶଟି ଆମ ସାହିତ୍ୟ କଳିକା ବହିର ସେମାନେ ଆମ ଭାଇଭଉଣୀ ବିଷୟରୁ ଆସିଅଛି। ଏଠାରେ ଲେଖିକା ଡଃ ପ୍ରତିଭା ରାୟ ବଣ୍ଡା ପାହାଡ଼ର ଗଛଲତାମାନଙ୍କର ଶୋଭା ବିଷୟରେ ଲେଖିଛନ୍ତି।

ବଣ୍ଡା ପାହାଡ଼ ଉପରକୁ ଯିବା ବେଳେ ତୀଖ ପାହାଡ଼ର ଦୁଇପଟେ ଶାଳ, ପିଆଶାଳ, ଶିଶୁ, ଶାଗୁଆନ, ଅର୍ଜୁନ, ଚନ୍ଦନ, କଇଁଆ ଇତ୍ୟାଦି କେତେ ଜାତିର ଗଛ ଦେଖିବାକୁ ମିଳେ। ଏ ଗଛରୁ ସେ ଗଛକୁ ଲଟାଇ ଯାଇଥିବା ଶିଆଳି ଲଟା ମଣିଷ ହାତର ପାପୁଲି ଭଳି ଚକାଚକା ପତର ମେଲି ତମକୁ କ'ଣ ମାଗୁଥିବା ଭଳି ମନେହେବ। ସେ ବୋଧେ ମଇତ୍ର ବସିବା ପାଇଁ ଚାହୁଁଥିବ ବୋଲି ଲେଖିକା ଅନୁମାନ କରିଛନ୍ତି। ବାସ୍ତବିକ୍ ବଣ୍ଡା ପାହାଡ଼ର ସୌନ୍ଦର୍ଯ୍ୟକୁ ଲେଖିକା ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି।

**୪. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ସମ୍ପର୍କିତ ଶବ୍ଦକୁ ମିଶାଇ ଆସ ନୂଆ ଶବ୍ଦ ଜାଣିବା।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| କୁଞ୍ଚୁକୁଞ୍ଚିଆ | ପାହାଡ଼ |
| ଅଙ୍କାବଙ୍କା | ରାସ୍ତା |
| ଚକାଚକା | ପତର |
| ଝାଟିମାଟି | ଘର |
| ଭଲମନ୍ଦ | କଥା |

**୫. ଡାହାଣ ପାଖ ପତ୍ରଟିରୁ ଶବ୍ଦ ଆଣି ବାମ ପାଖରେ ଥିବା ଶବ୍ଦ ସହିତ ମିଶାଇ ଶବ୍ଦ ତିଆରି କରିବା।**

ପୂଜା – ପରବ

ଯାନି – ଯାତରା


ଘର – ଦ୍ୱାର

ବାଟ – ଘାଟ

ଭୋଜି – ଭାତ

ଭାଇ – ଭଉଣୀ

ଝାଟି – ମାଟି




**୬. ବଣ୍ଡା ଲୋକଙ୍କ ବିଷୟରେ ତଳେ କେତୋଟି କଥା କୁହାଯାଇଛି। ଠିକ୍ କଥା ପାଖରେ (✓) ଓ ଭୁଲ୍ କଥା ପାଖରେ ଛକି ଚିହ୍ନ (✕) ଦିଅ।**

କ) ବଣ୍ଡାମାନେ କୌଣସି ପର୍ବପର୍ବାଣି ପାଳନ କରନ୍ତି ନାହିଁ। (✕)

ଖ) ବଣ୍ଡାମାନଙ୍କୁ 'ରେମୋ' ବୋଲି କୁହାଯାଏ। (✓)

ଗ) ବଣ୍ଡା ଭାଇଭଉଣୀମାନେ ଭାରି ସରଳ ଓ ସ୍ନେହୀ। (✓)

ଘ) ବଣ୍ଡା ସ୍ତ୍ରୀ ଲୋକମାନେ କିଛି କାମ କରନ୍ତି ନାହିଁ। (×)

ଙ) ବଣ୍ଡା ଲୋକମାନଙ୍କ ଭିତରେ ଖୁବ୍ ଏକତା ଥାଏ। (✓)

ଚ) ସେମାନେ କୌଣସି ଠାକୁର ଠାକୁରାଣୀଙ୍କୁ ପୂଜା କରନ୍ତି ନାହିଁ। (×)

**୭. ଆସ ତଳେ ଥିବା ଶବ୍ଦଗୁଡ଼ିକୁ ଲଗାଇ ବାକ୍ୟଗଠନ କରିବା।**

ସୀମା - ଆମ ରାଜ୍ୟର ଦକ୍ଷିଣ **ସୀମା**ରେ ମାଲକାନଗିରି ଜିଲ୍ଲା ରହିଛି।

ନିଶାପ - ବଣ୍ଡାମାନଙ୍କର **ନିଶାପ** ତାଙ୍କ ଗାଁ ଚଉତରା ଉପରେ ହୁଏ।

ମଉଜ - ଆମେ ବିଭିନ୍ନ ପର୍ବପର୍ବାଣି ପାଳନ କରି **ମଉଜ** କରିଥାଉ।

ଏକତା - ଆମମାନଙ୍କ ଭିତରେ **ଏକତା** ରହିବା ଆବଶ୍ୟକ।

ଅପୂର୍ବ - ପାହାଡ଼ ଅଞ୍ଚଳର ଦୃଶ୍ୟ **ଅପୂର୍ବ** ଲାଗେ।

**୮. ତଳ ଅନୁଚ୍ଛେଦର ବାକ୍ୟଗୁଡ଼ିକ ମଧ୍ୟରେ କେଉଁ ସ୍ଥାନରେ କି ଚିହ୍ନ ଲାଗିବ, ତାହା ଲଗାଇବା।**

ତୀଖ ପାହାଡ଼ ଉପରକୁ ଉଠିବା ବାଟରେ ଦୁଇପଟେ ଦେଖିବ ବଡ଼ ବଡ଼ ଶାଳ ପିଆଶାଳ ଶିଶୁ ସାଗୁଆନ ଚନ୍ଦନ ଏମିତି କେତେ ଜାତିର ଗଛ ଶିଆଳିଲଟା ଗେହ୍ଲାରେ ଲଟେଇ ଯାଇଥିବ ଏ ଗଛରୁ ସେ ଗଛକୁ ମଣିଷ ହାତରେ ପାପୁଲି ଭଳି ଚକା ଚକା ପତର ମେଲି ତମକୁ କଣ ଯେମିତି ମାଗୁଥିବ ସେ ବୋଧେ ମଇତର ବସିବା ପାଇଁ ଚାହୁଁଥିବ ଗଛ କଣ ଆମର ବନ୍ଧୁ ନୁହେଁ ତା ସାଙ୍ଗରେ ମଇତର ବସିଲେ କ୍ଷତି କଣ

ଉ: **ତୀଖ ପାହାଡ଼ ଉପରକୁ ଉଠିବା ବାଟରେ ଦୁଇପଟେ ଦେଖିବ ବଡ଼ ବଡ଼ ଶାଳ, ପିଆଶାଳ, ଶିଶୁ, ସାଗୁଆନ, ଚନ୍ଦନ, ଏମିତି କେତେ ଜାତିର ଗଛ। ଶିଆଳିଲଟା ଗେହ୍ଲାରେ ଲଟେଇ ଯାଇଥିବ ଏ ଗଛରୁ ସେ ଗଛକୁ। ମଣିଷ ହାତରେ ପାପୁଲି ଭଳି ଚକା ଚକା ପତର ମେଲି ତମକୁ କ'ଣ ଯେମିତି ମାଗୁଥିବ। ସେ ବୋଧେ ମଇତର ବସିବା ପାଇଁ ଚାହୁଁଥିବ। ଗଛ କ'ଣ ଆମର ବନ୍ଧୁ ନୁହେଁ? ତା ସାଙ୍ଗରେ ମଇତର ବସିଲେ କ୍ଷତି କଣ?**

**୯. ତଳଲିଖିତ ବାକ୍ୟଗୁଡ଼ିକର ଖାଲିସ୍ଥାନକୁ ପୂରଣ କରିବା।**

କ) ମାଲ୍‌କାନ୍‌ଗିରି ଆମ ଓଡ଼ିଶାର **ଗୋଟିଏ ପାହାଡ଼ିଆ ଜିଲ୍ଲା**।

ଖ) ଆମେ ବଣ୍ଡା ପାହାଡ଼ ଉପରକୁ **ଯିବା ପାଇଁ ରାସ୍ତା ନଥିଲା**।

ଗ) ଆମେ ତାଙ୍କ ସାଙ୍ଗରେ ମିଶିପାରିଲେ **ସେମାନେ ଡାକନ୍ତି ମଇତର**।

ଘ) ଗାଁ ମଝିରେ ଗୋଟିଏ ବଡ଼ ଗଛତଳେ **ପଥରର ଚଉତରାଟିଏ ଥାଏ**।

ଙ) ସମସ୍ତେ ସୁଖରେ ରହିଲେ ହିଁ **ଜଣେ ସୁଖରେ ରହିବ**।

ODM EDUCATIONAL GROUP Changing your Tomorrow

**୧୦. ବଣ୍ଡା ଭାଇଭଉଣୀମାନଙ୍କର କେଉଁ ଗୁଣଗୁଡ଼ିକ ଆମକୁ ଭଲ ଲାଗିଲା, ତାହା ୫ଟି ବାକ୍ୟରେ ଲେଖିବା।**

ବଣ୍ଡା ଭାଇଭଉଣୀମାନଙ୍କର ଅନେକ ଭଲଗୁଣ ଆମେ ଜାଣିଲୁ ଯଥା-

- ସେମାନେ ବହୁତ ସରଳ ଓ ସ୍ନେହୀ।
- ସେମାନେ ମିଛ କୁହନ୍ତି ନାହିଁ।
- ସେମାନେ ଅନ୍ୟର ଜିନିଷରେ ଲୋଭ ରଖନ୍ତି ନାହିଁ।
- ସେମାନେ ଗାଁର ସମସ୍ତଙ୍କ ସୁଖ ପାଇଁ ଠାକୁରାଣୀଙ୍କୁ ପୂଜା କରନ୍ତି।
- ସେମାନେ ଗାଁର କଳିଗୋଳ, ଭଲମନ୍ଦ ନିଜ ନିଜ ଭିତରେ ସମାଧାନ କରିଦିଅନ୍ତି।
- ସୁନ୍ଦର ଓ ସରଳ ଭାବରେ ଅତିଥି ସେବା କରନ୍ତି।

♦♦♦

ODM EDUCATIONAL GROUP
Changing your Tomorrow